# ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା. ୪୩୦ /ସୂ.ଲୋ.ସଂ. ତା. ୧୪/୦୮/୨୧

## ଢେଙ୍କାନାଳ ଜିଲ୍ଲାପାଳଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ

ଢେଙ୍କାନାଳ, ତା. ୧୪.୦୮.୨୦୨୧-

ଆଜି ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରାଙ୍କୁ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହଠାରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶଶାଙ୍କ ଶେଖର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଜଣେ ସରଳ, ସ୍ନେହୀ, ମେଳାପୀ, କର୍ତ୍ତବ୍ୟ ନିଷ୍ଠ, ଅଦମ୍ୟ ଉତ୍ସାହୀ ବ୍ୟକ୍ତି ବୋଲି ସେ ପ୍ରକାଶ କରିଥିଲେ ।

ବିଦାୟୀ ଜିଲ୍ଲାପାଳ ଶ୍ରୀଯୁକ୍ତ ବେହେରା କର୍ମ ହିଁ ସଂସ୍କୃତି ବୋଲି ଅଭିହିତ କରିଥିଲେ । ଏଣୁ ପ୍ରତ୍ୟେକ କର୍ମକୁ ଟିମ ସ୍ପିରିଟ ନେଇ ନିଷ୍ଠା ଓ ଖୁସିର ସହିତ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ସେ ମତ ବ୍ୟକ୍ତ କରିଥିଲେ । ସମସ୍ତଙ୍କ ପାଇଁ କାମ କରିବାର ମନୋବୃତ୍ତି ତାଙ୍କର ସଫଳତାର ରହସ୍ୟ ବୋଲି ପ୍ରକାଶ କରିଥିଲେ ।

ଜିଲ୍ଲାପାଳ ପ୍ରେରଣାର ଉତ୍ସ ଥିଲେ । ତାଙ୍କର ବଳିଷ୍ଠ ନେତୃତ୍ୱ ଓ ଦିଗଦର୍ଶନ ଦ୍ୱାରା ଜିଲ୍ଲାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସୂଚାରୁ ରୂପେ ହୋଇପାରିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ କହିଥିଲେ । ଜିଲ୍ଲାପାଳଙ୍କ ଅମାୟିକ ବ୍ୟବହାର, କାର୍ଯ୍ୟ ଦକ୍ଷତା ଓ ସକାରାତ୍ମକ ଚିନ୍ତାଧାରା ଯୋଗୁଁ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଛନ୍ତି ବୋଲି ବିଭାଗୀୟ ଅଧିକାରୀମାନେ ମତ ବ୍ୟକ୍ତ କରିଥିଲେ । ଜିଲ୍ଲାପାଳ ଶ୍ରୀଯୁକ୍ତ ବେହେରା ପଦୋନ୍ନତି ପାଇ ଆୟୁଷ ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇଛନ୍ତି ।

ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ କେ. ଶିବା ସୁବ୍ରମଣ୍ୟମ, ବନଖଣ୍ଡ ଅଧିକାରୀ ଶ୍ରୀ ପ୍ରକାଶ ଚାନ୍ଦ ଗୋଗିନେନୀ, ଆଇ.ଏ.ଏସ. ପ୍ରୋବେସନ ଶ୍ରୀ ବିଭୁତି ଭୂଷଣ ନାୟକ, ଚନ୍ଦକା ଅଭୟାରଣ୍ୟର ଡି.ଏଫ.ଓ., ସମସ୍ତ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

୧୪/୦୮/୨୧

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଢେଙ୍କାନାଳ